Roll No. : | | | | | | | |

# D.A.V PUBLIC SCHOOLS, ODISHA ZONE - I
## PERIODIC TEST - II, 2017-18

1. Please check that the question paper contains 4 printed pages.
2. Please check that the question paper contains 11 questions.
3. Please write down the serial number of the question before attempting.
4. 15 minutes time has been allotted to read the question paper. The students will read the question paper only and will not write any answer on the answer sheet during this period.

**CLASS – X**
**SUB – ODIA**

**Time : 3 Hrs** **FM : 80**

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ - ୧୦

(ଖ) ଲିଖନ - ୧୫

(ଗ) ବ୍ୟାକରଣ – ୨୦

(ଘ) ସାହିତ୍ୟ - ୩୫

### 'କ' ବିଭାଗ

୧. ନିମ୍ନଲିଖିତ ଅନୁଚ୍ଛେଦଟି ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (୫×୨=୧୦)

ବିପଦ ପ୍ରଭୁଙ୍କର କଷଟି ପାଷାଣ । ବିପଦବେଳେ ବ୍ୟକ୍ତିତ୍ୱର ପ୍ରକୃତ ପରିଚୟ ମିଳିଥାଏ । ଯେ କହେ, ପ୍ରଭୁ! ମୋ ଜୀବନରେ ବିପଦ ନ ଆସୁ, ସେ ଭୀରୁ, ଯେ କହେ ପ୍ରଭୁ! ମୋ ଜୀବନରେ ବିପଦ ନ ଆସୁ ବୋଲି ମୁଁ ପ୍ରାର୍ଥନା କରୁ ନାହିଁ, ପ୍ରାର୍ଥନା କରୁଛି ବିପଦର ସମ୍ମୁଖୀନ ହେବାପାଇଁ ମୋତେ ଶକ୍ତି ଦିଅ, ସେ ହିଁ ପ୍ରକୃତ ବୀର । ବାରମ୍ବାର ବିପଦର ସମ୍ମୁଖୀନ ହୋଇଥିବା ଲୋକ ଜୀବନ ଯୁଦ୍ଧରେ କେବେହେଲେ ହାରି ଯାଏ ନାହିଁ । ଦୁଃସ୍ଥିତିର ଅନୁଭୂତି ତା'ମନକୁ ଦୃଢ କରିଥାଏ । ଜୀବନରେ ଦୁଃଖ ନ ଥିଲେ ସୁଖର ଅନୁଭୂତି କୁ ଉପଲବ୍ଧି କରିହୁଏ ନାହିଁ । ଦୃଢ ମନଦେଇ କାମ କଲେ ଅସାଧ୍ୟକୁ ମଧ୍ୟ ସାଧନ କରାଯାଇପାରେ । ଅନେକ ଘଟଣା ଅଘଟଣାର ସମାହାର ହିଁ ଜୀବନ, ଏହି ଜୀବନ ସୀମିତ ହେଲେ ହେଁ ଗୁରୁତ୍ୱପୂର୍ଣ୍ଣ । ମାନବ ଜୀବନ କେବଳ ବର୍ଷ, ମାସ, ଦିନ ଓ ଦଣ୍ଡର ଏକ ଗାଣିତିକ ହିସାବ କବିତା ନୁହେଁ, ଏହା ଏକ ଦୁର୍ଲଭ ପ୍ରାପ୍ତି । କର୍ମ ହିଁ ଜୀବନର ମାନଦଣ୍ଡ । ସୁକର୍ମ କରିଥିବା ବ୍ୟକ୍ତିର ସ୍ମୃତି ଚିରଦିନ ପାଇଁ ଅମର ହୋଇ ରହିଥାଏ । ସୁକର୍ମ କରିବାକୁ ପୂର୍ବେ ରାଜାମାନେ ପଣ୍ଡିତ ମାନଙ୍କୁ ରାଜ ଦରବାରରେ ରଖି ରାଜପୁତ୍ରମାନଙ୍କୁ ଶିକ୍ଷା ଦେଉଥିଲେ । ଏହି ଶିକ୍ଷା ଭିତରେ ଦୈନନ୍ଦିନ ଜୀବନଚର୍ଯ୍ୟା ଓ ଭବିଷ୍ୟତରେ ରାଜ୍ୟଶାସନର ନୀତି ରହିଥିଲା । ବ୍ୟକ୍ତି ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବ୍ୟକ୍ତି ଜୀବନ କଳୁଷିତ ହୋଇପଡ଼ିଲେ କ୍ରମଶଃ ସମାଜ ମଧ୍ୟ କଳୁଷିତ ହୋଇପଡ଼େ । ବର୍ଷ ବର୍ଷର ପରିବର୍ତ୍ତନ ଫଳରେ ସୃଷ୍ଟି

ହୋଇଥିବା ସଭ୍ୟତା ଧ୍ୱଂସ ପାଏ । ବିଶୃଙ୍ଖଳିତ ସମାଜରେ ମଣିଷ ମାନଙ୍କ ପ୍ରତି ମୁହୂର୍ତ୍ତରେ ଏକ ପାଶବିକ ଭୟ ଆଚ୍ଛନ୍ନ କରି ରଖିଥାଏ । ଏହି ଭୟ ଦୂର ହୁଏ, ଯେତେବେଳେ ମଣିଷ ନିଜ ଜୀବନକୁ ଚିହ୍ନିପାରେ ଏବଂ ସୁକର୍ମ କରିବାକୁ ଆଗଭର ହୋଇଥାଏ ।

(କ) ପ୍ରକୃତବୀର କାହାକୁ କୁହାଯାଏ ?

(ଖ) ବର୍ଷବର୍ଷର ସଭ୍ୟତା କିପରି ଧ୍ୱଂସ ପାଏ ?

(ଗ) କେଉଁ ଲୋକ ଜୀବନ ଯୁଦ୍ଧରେ ହାରି ଯାଏ ନାହିଁ ?

(ଘ) ସୁକର୍ମ କରିବାକୁ ପୂର୍ବେ ରାଜାମାନେ କ'ଣ କରୁଥିଲେ ?

(ଙ) ମଣିଷ ମନର ଭୟ କେତେବେଳେ ଦୂର ହୁଏ ?

## 'ଖ' ବିଭାଗ

**୨.ଯେ କୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ ।** (୮)

ଭାରତର ବନ୍ୟା ସମସ୍ୟା, ବିଜ୍ଞାନର ଦୁରୁପଯୋଗ, ଗଣତନ୍ତ୍ର ଓ ଏହାର ସୁରକ୍ଷା

୩.ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଜନସାଧାରଣଙ୍କର ପରମ କର୍ତ୍ତବ୍ୟ । ଏ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଦେଇ କୌଣସି ସମ୍ବାଦପତ୍ରର ସମ୍ପାଦକଙ୍କୁ ଏକ ପତ୍ର ଲେଖ । (୭)

କିମ୍ବା

ତୁମ ଅଞ୍ଚଳରେ ଅନୁଷ୍ଠିତ ହୋଇଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପର୍କରେ ବର୍ଣ୍ଣନା କରି ଯେ କୌଣସି ସମ୍ବାଦ ପତ୍ରରେ ପ୍ରକାଶ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ

**୪.(କ) ନିର୍ଦ୍ଦେଶ ଅନୁଯାୟୀ ବାକ୍ୟ ପରିବର୍ତ୍ତନ କର । (୫ଟିର)** (୫)

i. ସନ୍ଧ୍ୟା ହୁଏ ଏବଂ ପଶ୍ଚିମ ଆକାଶ ରକ୍ତିମ ଦେଖାଯାଏ । (ସରଳ)

ii. ପ୍ରତିଭାବାନ ଯଶସ୍ୱୀ ହୁଏ । (ଜଟିଳ)

iii. ସେ ଚୋରି କରିବାରୁ ଦଣ୍ଡ ପାଇଲା । (ଯୌଗିକ)

iv. ଜୋର୍ ଯାହାର ମୁଲକ ତାର । (ସରଳ)

v. ମୁଁ ବଙ୍ଗଳା ବୁଝିଲେ ମଧ କହି ପାରେ ନାହିଁ । (ଯୌଗିକ)

vi. ମୋ କଥା ଶିକ୍ଷକ ବିଶ୍ୱାସ କଲେ ନାହିଁ । (ଜଟିଳ)

vii. ଏକାଗ୍ର ଚିତ୍ତରେ ଭଗବାନଙ୍କୁ ପ୍ରାର୍ଥନା କର ଏବଂ ସେ ନିଶ୍ଚୟ ତୁମର ଡାକ ଶୁଣିବେ । ଜଟିଳ)

**(ଖ) ଭ୍ରମ ସଂଶୋଧନ କର । (୫ଟିର)** (୫)

ନିର୍ଦ୍ଦୋଷୀ, ମନମାଳିନ୍ୟ, ଅର୍ଦ୍ଧରାତ୍ରି, ଏକତ୍ରିତ, କ୍ଷୁନ୍ନ, ପୁରଷ୍କାର, ଅଧର୍ଯ୍ୟ

(ଗ) ବିଶେଷ ଅର୍ଥରେ ବାକ୍ୟରେ ବ୍ୟବହାର କର । (୫ଟିର) (୫)

ଚାଲିଲା ଶଗଡ଼ରେ ହାତଦେବା, ଘରବୁଡ଼ି ପାଣି ଆଣ୍ଠୁଏ, ଆ ବଳଦ ମୋତେ ବିନ୍ଧ, ଛାଇ ନ ମାଡ଼ିବା, ନାକେଦମ୍ କରିବା, ମାଛି କି ମ ନ କହିବା, ରକ୍ତ ଚାଉଳ ଚୋବାଇବା

(ଘ) ନିମ୍ନଲିଖିତ ଗୋଟିଏ ଛନ୍ଦର ଲକ୍ଷଣ ସହ ଏକ ଉଦାହରଣ ଲେଖ । (୫)

ଭାଗବତବାଣୀ, ବଙ୍ଗଳାଶ୍ରୀ

## 'ଘ' ବିଭାଗ

୫. ସପ୍ରସଙ୍ଗ ସରଳାର୍ଥ ଲେଖ । (୫)

ଏହା ମଧ ତାଙ୍କ କୃତକର୍ମର ପରିଣାମ ।

କିମ୍ବା

ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇନାହିଁ କି
ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ ।

୬. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ (୩ଟିର) (୩×୨=୬)

(କ) ଶ୍ରୀକୃଷ୍ଣଙ୍କୁ ମହାଭାରତର କର୍ଣ୍ଣଧାର କୁହାଯାଇଛି କାହିଁକି ?

(ଖ) ବର୍ତ୍ତମାନର ପୃଥିବୀରେ ସଭ୍ୟତାର ଆଦର୍ଶ ଟି କ'ଣ ?

(ଗ) ଜନ୍ମଭୂମିକୁ ଧାତ୍ରୀ ଓ ଶିକ୍ଷୟିତ୍ରୀ କହିବାର କାରଣ କ'ଣ ?

(ଘ) ଗ୍ରାମର ସାଧାରଣ ଯୁବକମାନେ କିପରି ସମୟ ବିତାନ୍ତି ?

(ଙ) ରୋମୀୟ ଓ ଭାରତୀୟ ସଭ୍ୟତାର ଆଦର୍ଶ ମଧରେ ପାର୍ଥକ୍ୟ କ'ଣ ?

୭. ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ମଧରୁ ସଠିକ୍ ଉତ୍ତରଟି ବାଛି ଲେଖ । (୪)

(କ) ଭାରତର ବୈଶିଷ୍ଟ୍ୟ କ'ଣ ?

i) ଭକ୍ତି ii) ଶ୍ରଦ୍ଧା iii) ଆଧାତ୍ମିକତା iv) ସମ୍ମାନ

(ଖ) ଗ୍ରୀସୀୟ ଦେବତାଙ୍କ ନାମ କ'ଣ ?

i) ଯୀଶୁ ii) ଆଲ୍ଲା iii) ଶ୍ରୀକୃଷ୍ଣ iv) ଏଟ୍‌ଲାସ୍

(ଗ) ଜଡ଼ ବିଜ୍ଞାନ ମୂଳରେ କେଉଁ ଶାସ୍ତ୍ର ନିହିତ ।

i) ଜ୍ୟୋତିଷ ଶାସ୍ତ୍ର ii) ଗଣିତ ଶାସ୍ତ୍ର iii) ଅର୍ଥ ଶାସ୍ତ୍ର iv) କଳା ଶାସ୍ତ୍ର

(ଘ) ଜନ୍ମଭୂମି ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ।

i) ପ୍ରବନ୍ଧ ମାନସ ii) ଇତିହାସ ଓ କିମ୍ବଦନ୍ତୀ

iii) ମୋ ସମୟର ଓଡ଼ିଶା iv) ସାରଳା ସାହିତ୍ୟର ଐତିହାସିକ ଚିତ୍ର

୮. ସପ୍ରସଙ୍ଗ ସରଳାର୍ଥ ଲେଖ । (୫)

ପାପଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।

କିମ୍ବା

ଯେହାନ୍ତ ରଖିଲି ମୁଁ ବଂଶ ରକ୍ଷା ନିମନ୍ତେ
ଗତ ଆଗତ ବୁଡ଼ିଲା ଯେ ତୋହୋର କୃତ୍ୟେ ।

୯. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (୩ଟିର) (୩×୨=୬)

(କ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

(ଖ) ଧୃଷ୍ଟଦ୍ୟୁମ୍ନ କିଏ ? ସେ କାହାର ଶତ୍ରୁ ଥିଲେ ?

(ଗ) ଶ୍ରୀରାମଙ୍କ ସୈନ୍ୟ ସଂଖ୍ୟା କେତେ ବୋଲି ମନ୍ତ୍ରୀଦ୍ୱୟ କଳନା କଲେ ?

(ଘ) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?

(ଙ) ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

୧୦. ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ । (୪×୧=୪)

(କ) ଅଭିମନ୍ୟୁ କାହାର ପୁତ୍ର ଥିଲେ ?

i) ଯୁଧିଷ୍ଠିର ii) ଭୀମ iii) ଅର୍ଜୁନ iv) ନକୁଳ

(ଖ) ପଠିତ କବିତାରେ 'ବିଭୁତିଭୂଷଣ' କାହାକୁ କୁହାଯାଇଛି ?

i) ବରୁଣ ii) ବିଭୀଷଣ iii) ରାବଣ iv) ରାମଚନ୍ଦ୍ର

(ଗ) 'କିଶୋର ଚନ୍ଦ୍ରାନନ୍ଦଚମ୍ପୂ'ର ରଚୟିତା କିଏ ?

i) ରାଧାନାଥ ରାୟ ii) କବିସୂର୍ଯ୍ୟ ବଳଦେବ ରଥ
iii) ଉପେନ୍ଦ୍ର ଭଞ୍ଜ iv) ସାରଳା ଦାସ

(ଘ) "ପିତୃବ୍ୟ" କହିଲେ କାହାକୁ ବୁଝାଏ ?

i) ବାପାଙ୍କର ସାନଭାଇ ii) ବାପାଙ୍କର ବଡ଼ଭାଇ
iii) ପିତୃପୁରୁଷ iv) ପିତା

୧୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ ।(୧ ଟିର) (୫)

(କ) ମଣିଷମାନଙ୍କର ଭେକ ଓ ବେଶ ସେମାନଙ୍କର ଯଥାର୍ଥ ପରିଚୟ ନୁହେଁ – ବଣି ପକ୍ଷୀର ଛୁଆଙ୍କର ଉପଦେଶ ବିଶ୍ଳେଷଣ କର ।

(ଖ) "ସୁର ସୁନ୍ଦରୀ" ଏକାଙ୍କିକା ମାଧମରେ ନାରୀର ସ୍ୱାଭିମାନ ଆତ୍ମ-ମର୍ଯ୍ୟାଦାବୋଧ ଓ ଦୁଷ୍ଟ ମାନଙ୍କ ଦମନରେ ନାରୀଶକ୍ତିର ଭୂମିକା ପ୍ରତିପାଦନ କର ।

(ଗ) "ପକ୍ଷୀ ମାନଙ୍କ ପ୍ରତି ମଣିଷର ଶ୍ରଦ୍ଧା ଓ ସେମାନଙ୍କର ଭାଷା ବୁଝିବା ପରିପ୍ରେକ୍ଷୀରେ ମାନବ ଜୀବନକୁ ବୁଝିବା" ପଠିତ ଗଳ୍ପ ଅନୁସରଣରେ ବର୍ଣ୍ଣନା କର ।